**ମେସର୍ସ୍ ଭିକ୍ଟୋରିଆନ୍ ଗ୍ରାନାଇଟ୍ସ (ପି) ଲିମିଟେଡ୍**

**ବନାମ**

**ପି. ରାମା ରାଓ ଏବଂ ଅନ୍ୟମାନେ**

**ସେପ୍ଟେମ୍ବର 9,1996**

**[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

ଏ.ପି. ଖଣି ଏବଂ ଖଣିଜ ରିହାତି ନିୟମାବଳୀ, 1966

*ନିୟମ 31-ପଟ୍ଟାଦାରି ଅଧିକାରଗୁଡ଼ିକ - ମୂଳ ପଟ୍ଟାଦାରଙ୍କୁ ଅନ୍ୟ ଏକ ସଂସ୍ଥାକୁ ହସ୍ତାନ୍ତର-ପଟ୍ଟାର ପରିଶିଷ୍ଟର ଖଣ୍ଡ (9) ରେ ଥିବା ନିଷେଧାଦେଶ ଏବଂ ଦୁଇ ବର୍ଷ ପରେ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବ୍ୟତୀତ ସ୍ଥାନାନ୍ତର କିମ୍ବା ଦାୟିତ୍ୱ ପ୍ରଦାନ କିମ୍ବା ସିକିମୀ ପଟ୍ଟା ବିରୋଧରେ ନିୟମ 31ର ଖଣ୍ଡ (ix)- ପରଦିନ ଉପ ନିର୍ଦ୍ଦେଶକ କରିଥିବା ସ୍ଥାନାନ୍ତର ଆଦେଶ-କୌଣସି ପ୍ରଚାର କରାଯାଇ ନାହିଁ- କୌଣସି ଆପତ୍ତି ଆହ୍ୱାନ କରାଯାଇ ନାହିଁ-ନୋଟିସ୍ ପରେ, ସରକାର ସ୍ଥାନାନ୍ତରଣକୁ ରଦ୍ଦ କରିଛନ୍ତି- ଦର୍ଶାଯାଇଛି:ଆଇନର ଅନୁପାଳନର ଏକ ବାହ୍ୟରୂପ ଅଛି, କିନ୍ତୁ ଏହା କେବଳ ଆଇନର ଅନୁପାଳନ କରିବାର ଏକ କୌଶଳ ଏବଂ ଏକ ଘରୋଇ କମ୍ପାନୀ ଦ୍ୱାରା ଅନ୍ୟାୟପୂର୍ଣ୍ଣ ସମୃଦ୍ଧି ହାସଲ କରିବା ପାଇଁ ଏକ ପ୍ରୟାସ-ସମଗ୍ର କାରବାର ଦୁରାଭିସନ୍ଧିପୂର୍ଣ୍ଣ ଅଟେ ଏବଂ ସାମ୍ବିଧାନିକ ଉଦ୍ଦେଶ୍ୟକୁ ପରାସ୍ତ କରିବ-ସରକାର, ଆବେଦନକାରୀଙ୍କୁ ଦିଆଯାଇଥିବା ପଟ୍ଟା ଏବଂ ଅନ୍ୟ ଏକ ସଂସ୍ଥା ସପକ୍ଷରେ ସିକିମୀ ପଟ୍ଟା ମଞ୍ଜୁରୀକୁ ଯଥାର୍ଥ ଭାବରେ ରଦ୍ଦ କରିଥିଲେ-ସାମ୍ବିଧାନିକ ଦର୍ଶନ ସହିତ ସୁସଂଗତ ନିୟମାବଳୀ ଏବଂ ଚୁକ୍ତିଭିତ୍ତିକ ଖଣ୍ଡଗୁଡ଼ିକର ପୁନର୍ଗଠନ- ସରକାରଙ୍କୁ ପରାମର୍ଶ-ଭାରତର ସମ୍ବିଧାନ, ଅନୁଚ୍ଛେଦ39 (b)।*

ଦେୱାନୀ ଅପିଲ ଅଧିକରିତା : ଦେୱାନୀ ଅପିଲ ସଂଖ୍ୟା 12368/1996 ।

ଡବ୍ଲ୍ୟୁ. ପି. ସଂଖ୍ୟା 6592/1994 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 4.12.95ରିଖର ଆଦେଶ ଏବଂ ରାୟରୁ ।

ଅପିଲକାରୀଙ୍କ ପାଇଁ କେ. ପରାସରନ ଏବଂ କେ. ସ୍ୱାମୀ ।

ଉତ୍ତରଦାତାମାନଙ୍କ ପାଇଁ କେ. ଆର୍. ଚୌଧୁରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଯାଇଛି ।

ଡବ୍ଲ୍ୟୁ. ପି. ସଂଖ୍ୟା 6592/1994 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ବିଚାରପୀଠଙ୍କର ଡିସେମ୍ବର 14,1995 ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି । ଅପିଲକାରୀ, ଏ.ପି. ଖଣି ଏବଂ ଖଣିଜ ରିହାତି ନିୟମ, 1966 (ସଂକ୍ଷେପରେ, "ନିୟମାବଳୀ") ର ଧାରା 35-A ଅନ୍ତର୍ଗତ ଏକ ପୁନଃ ନିରୀକ୍ଷଣ ଦାଖଲ କରିଥିଲେ । ନୋଟିସ ଜାରି ହେବା ପରେ ସରକାର, ପ୍ରଥମ ଉତ୍ତରଦାତା , ପି. ରାମା ରାଓ, ଯିଏକି ମୂଳ ପଟ୍ଟାଦାର ଥିଲେ, ତାଙ୍କ ଦ୍ୱାରା ମେସର୍ସ ମାଗମ ଇଙ୍କକୁ ଦିଆଯାଇଥିବା, ବିଭିନ୍ନ ଜି. ଓ. ଗୁଡ଼ିକ ଦ୍ୱାରା ମଞ୍ଜୁର ହୋଇଥିବା ଚାରୋଟି ପଟ୍ଟାରେ ପଟ୍ଟାଦାରି ଅଂଶ ସମ୍ବନ୍ଧରେ ପ୍ରାୟ 103 ଏକର, ପଟ୍ଟାଦାରି ଅଧିକାରର ହସ୍ତାନ୍ତରକୁ, ଯେଉଁ ତଥ୍ୟଗୁଡ଼ିକ ବିବାଦରେ ନାହିଁ, ରଦ୍ଦ କରିଦେଇଥିଲେ । ଯେତେବେଳେ ଏହି ମାମଲା ଶୁଣାଣି ପାଇଁ ଆସିଲା, ଏହି ନ୍ୟାୟାଳୟ ନୋଟିସ୍ ଜାରି କରିଥିଲେ ଯେ, ପି. ରାମା ରାଓ କିପରି ଏବଂ କେଉଁ ପରିସ୍ଥିତିରେ ଏହି ପଟ୍ଟାଦାରି ଅଂଶକୁ ଦ୍ୱିତୀୟ ଉତ୍ତରଦାତାଙ୍କୁ ହସ୍ତାନ୍ତର କରିଥିଲେ, ଏବଂ ସେଗୁଡ଼ିକ ଆଇନରେ ଗ୍ରହଣୀୟ କି? ଉତ୍ତରଦାତାମାନେ ସେମାନଙ୍କର ପାଲଟା-ସତ୍ୟପାଠଗୁଡ଼ିକ ଦାଖଲ କରିଛନ୍ତି । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଏହା ବିବାଦରେ ନାହିଁ ଯେ, 1989 ମସିହା ଅକ୍ଟୋବର 7 ତାରିଖରେ ପ୍ରକାଶମ୍ ଜିଲ୍ଲାର ଚିମୋକୁର୍ତି ମଣ୍ଡଳମ୍ ଅନ୍ତର୍ଗତ ଆର୍. ଏଲ୍. ପୁରମରେ ଗ୍ରାନାଇଟ୍ ଖନନ ପାଇଁ ପି. ରାମା ରାଓ ଆବେଦନ କରିଥିଲେ ଏବଂ ଦଶ ବର୍ଷ ପାଇଁ ପଟ୍ଟା ପାଇଥିଲେ । ପରବର୍ତ୍ତୀ ସମୟ, ଅକ୍ଟୋବର 8,1990 ରେ, ସେ ପଟ୍ଟା ଦଲିଲ ନିଷ୍ପାଦିତ କରିଥିଲେ । ସେ ଅକ୍ଟୋବର 8,1992 ରେ ମାଗମ ଇଙ୍କ ସପକ୍ଷରେ ପଟ୍ଟା ହସ୍ତାନ୍ତର କରିଥିଲେ । ପ୍ରଶ୍ନ ହେଉଛି, ପଟ୍ଟାଦାରି ଅଧିକାର ହସ୍ତାନ୍ତର ବୈଧ ଏବଂ ଆଇନରେ ଗ୍ରହଣୀୟ କି?ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ କେ. ଆର୍. ଚୌଧୁରୀଙ୍କ ଯୁକ୍ତି ଅନୁଯାୟୀ, ଏହା ସତ୍ୟ ଯେ, ପଟ୍ଟାର ପରିଶିଷ୍ଟର ଖଣ୍ଡ (8) ଏବଂ ନିୟମାବଳୀର ନିୟମ 31 ର ଖଣ୍ଡ (ix), ଦୁଇ ବର୍ଷର ଅବଧି ଶେଷ ହେବା ପରେ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବ୍ୟତୀତ, ପଟ୍ଟାଦାର ସପକ୍ଷରେ ମଞ୍ଜୁର ହୋଇଥିବା ହସ୍ତାନ୍ତର କିମ୍ବା ଦାୟିତ୍ୱ ନ୍ୟସ୍ତ କିମ୍ବା ସିକିମୀ ପଟ୍ଟା  କିମ୍ବା ଖାଦାନ ପଟ୍ଟା ଅଂଶର ପଟ୍ଟାଦାରିକୁ ନିଷେଧ କରେ । ପ୍ରାସଙ୍ଗିକ ସମୟରେ, ସକ୍ଷମ କର୍ତ୍ତୃପକ୍ଷ ଉପ ନିର୍ଦ୍ଦେଶକ ଥିଲେ । ପଟ୍ଟା ମଞ୍ଜୁର ହେବାର ଠିକ 2 ବର୍ଷ ଶେଷ ହେବା ପରେ, ପି. ରାମା ରାଓ 7 ଅକ୍ଟୋବର, 1992ରେ ମାଗମ ଇଙ୍କ. ସପକ୍ଷରେ ପଟ୍ଟା ଦାୟିତ୍ୱ ପ୍ରଦାନ ପାଇଁ ଆବେଦନ କରିଥିଲେ ଏବଂ ତା 'ପରଦିନ, ଯଥା 8 ଅକ୍ଟୋବର, 1992ରେ, ଉପ ନିର୍ଦ୍ଦେଶକ ତୁରନ୍ତ ଏବଂ ସ୍ୱଇଚ୍ଛାରେ ମାଗମ ଇଙ୍କକୁ ପି. ରାମା ରାଓଙ୍କ ପାଖରେ ଥିବା ପଟ୍ଟାଦାରି ଅଧିକାର

ହସ୍ତାନ୍ତର କରିବାକୁ ଆଦେଶ ଦେଇଥିଲେ । ଅନ୍ୟମାନଙ୍କ ଠାରୁ ଆପତ୍ତି ଆହ୍ୱାନ କରି କୌଣସି ପ୍ରଚାର କରାଯାଇଥିବା ପରି ଜଣାପଡୁନାହିଁ । ତେଣୁ ପ୍ରଶ୍ନ ହେଉଛି:ଉପ ନିର୍ଦ୍ଦେଶକଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଆଇନରେ ବୈଧ କି?

ଏହା ସତ୍ୟ ଯେ, ପି. ରାମା ରାଓ ଏବଂ ମାଗମ ଇଙ୍କ ଦ୍ୱାରା ପି. ରାମା ରାଓଙ୍କ ଦ୍ୱାରା ପତ୍ର ସପକ୍ଷରେ ପଟ୍ଟାଦାରି ଅଂଶ ହସ୍ତାନ୍ତର କରିବା ପାଇଁ ଆଇନର ଏକ ବାହ୍ୟରୂପର ଅନୁପାଳନ କରାଯାଇଛି । ଆଇନର କବଳରୁ ରକ୍ଷା ପାଇବା ପାଇଁ ସର୍ବୋତ୍ତମ ଆଇନଗତ ବୁଦ୍ଧି ଉପଲବ୍ଧ ହେବ ଏବଂ କାରବାର ଆଇନର ଅନୁରୂପ ବୋଲି ଦର୍ଶାଯିବ । ତାହାର ଅନୁସରଣରେ, ଲାଭାଂଶର ଦେୟ ଏବଂ ଅନୁମତି ପି. ରାମା ରାଓଙ୍କ ନାମରେ ରହିଥିଲା । ନ୍ୟାୟାଳୟକୁ ପ୍ରକ୍ରିୟାର ଭେଦ କରି, ପର୍ଦ୍ଦା ଉଠାଇବାକୁ ପଡ଼ିବ ଏବଂ ଉତ୍ପତ୍ତି ଏବଂ ପ୍ରଭାବରେ ପହଞ୍ଚିବାକୁ ହେବ । ସମ୍ବିଧାନର ଅନୁଚ୍ଛେଦ 39 (b) ଅବଧାରଣ କରେ ଯେ, ରାଜ୍ୟ, ବିଶେଷ କରି, ସମାଜର ଭୌତିକ ସମ୍ବଳର ମାଲିକାନା ଏବଂ ନିୟନ୍ତ୍ରଣ ଯେପରି ଜନକଲ୍ୟାଣ କାର୍ଯ୍ୟ ପାଇଁ ସର୍ବୋତ୍ତମ ଭାବରେ ବଣ୍ଟନ କରାଯିବ, ତାହା ସୁନିଶ୍ଚିତ କରିବା ଦିଗରେ ଏହାର ନୀତିକୁ ନିର୍ଦ୍ଦେଶ କରିବେ । ସାମାଜିକ-ଅର୍ଥନୈତିକ ନ୍ୟାୟ ସମ୍ବିଧାନର ପ୍ରାଧାନ୍ୟ ଅଟେ । ସେହି ଲକ୍ଷ୍ୟ ହାସଲ କରିବା ପାଇଁ ସାର୍ବଜନୀନ ସମ୍ବଳ ବଣ୍ଟନ କରାଯାଇଥାଏ, ଯେହେତୁ ଆର୍ଥିକ ସଶକ୍ତିକରଣ ବୃଦ୍ଧି କରିବା ପାଇଁ ସୁଯୋଗ ଏବଂ ସମ୍ବଳର ଉପଲବ୍ଧତା ସହିତ ସ୍ୱାଧୀନତା ଏବଂ ଜୀବନର ଯଥାର୍ଥତାର ଅଧିକାର ଆବଦ୍ଧ କରାଯାଇଥାଏ । ପ୍ରଶ୍ନଟି ହେଉଛି: ଏହି ହସ୍ତାନ୍ତର ଉପରୋକ୍ତ ସାଧାରଣ କଲ୍ୟାଣ ଏବଂ ସାମ୍ବିଧାନିକ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ କାର୍ଯ୍ୟକାରୀ ହୋଇଛି କି?ଏହା ସତ୍ୟ ଯେ, ଯେତେବେଳେ ବ୍ୟକ୍ତିମାନଙ୍କୁ ସରକାରଙ୍କ ମାଲିକାନାରେ ଥିବା ସମ୍ପତ୍ତିର ଖାଦାନ ପଟ୍ଟା ମଞ୍ଜୁର କରାଯାଇଥାଏ, ସେତେବେଳେ ଏପରି ହସ୍ତାନ୍ତରର ଉଦ୍ଦେଶ୍ୟ ଥିଲା ହସ୍ତାନ୍ତରଗ୍ରାହୀଙ୍କୁ ନିଜେ କିମ୍ବା ଏକ ସମବାୟ ସମିତି କିମ୍ବା ଅଂଶୀଦାରୀ ଦ୍ୱାରା ଆର୍ଥିକ ସଶକ୍ତିକରଣ ହାସଲ କରିବା ପାଇଁ ଖଣି କାର୍ଯ୍ୟ କରିବା ପାଇଁ ବ୍ୟକ୍ତିମାନଙ୍କୁ ଗଠିତ କରି ଆର୍ଥିକ ସଶକ୍ତିକରଣକୁ ବୃଦ୍ଧି କରିବା । ସାମ୍ବିଧାନିକ ଦର୍ଶନକୁ ଏଡ଼ାଇବା ପାଇଁ ଏପରି ହସ୍ତାନ୍ତରକୁ ଏକ ଷଡ଼ଯନ୍ତ୍ର କରାଯାଇପାରିବ କି ଏବଂ ସେହି ଉଦ୍ଦେଶ୍ୟରେ ସାମ୍ବିଧାନିକ ଉଦ୍ଦେଶ୍ୟକୁ ନଷ୍ଟ କରାଯାଇପାରିବ କି?ଏହାର ଉତ୍ତର ନିଶ୍ଚିତ ଭାବେ ନକାରାତ୍ମକ ରହିବ । ଏହା ଦେଖିବାକୁ ମିଳିଛି ଯେ, ସରକାର ନିୟମାବଳୀରେ ସଂଶୋଧନ କରିଛନ୍ତି ଏବଂ ନିର୍ଦ୍ଦେଶକଙ୍କୁ ଅନୁମତି ଦିନଠାରୁ ଦୁଇ ବର୍ଷ ପରେ, ଗୋଟିଏ ସଂସ୍ଥା ଦ୍ୱାରା ପ୍ରାପ୍ତ ପଟ୍ଟା ଅଧିକାରର ଅନ୍ୟ ଏକ ସଂସ୍ଥା ସପକ୍ଷରେ ଦାୟିତ୍ୱ ପ୍ରଦାନ କରିବାକୁ କ୍ଷମତା ଦେଇଛନ୍ତି, ଏବଂ ଯଦି ଏହାକୁ ଦୁଇ ବର୍ଷ ମଧ୍ୟରେ ହସ୍ତାନ୍ତର କରିବାକୁ ଚାହାଁନ୍ତି, ତେବେ ସରକାରଙ୍କ ପୂର୍ବ ଅନୁମତି ନେବା ଆବଶ୍ୟକ ଅଟେ । ଏହାର ଉଦ୍ଦେଶ୍ୟ ହେଉଛି, ଅବୈଧ ତୃପ୍ତି ସାଧନ ପାଇଁ ନିମ୍ନ ସ୍ତରର ଅଧିକାରୀଙ୍କ ସହ ମିଳିତ ଭାବେ ଏବଂ ସହଯୋଗରେ କରାଯାଉଥିବା ଛଳନାପୂର୍ଣ୍ଣ ଏବଂ ସନ୍ଦେହାତ୍ମକ କାରବାର ଉପରେ

ନିୟନ୍ତ୍ରଣ ରଖିବା ଏବଂ ନିହିତ ସ୍ୱାର୍ଥର ବ୍ୟକ୍ତିଗତ ଲାଭ ପାଇଁ ରାଜ୍ୟର ସମ୍ପତ୍ତି ହ୍ରାସକୁ ରୋକିବା, ସମ୍ବିଧାନର ଅନୁଚ୍ଛେଦ ୩୨ (b) ପଛରେ ଥିବା ସାମ୍ବିଧାନିକ ଉଦ୍ଦେଶ୍ୟ, ଯାହା ସମ୍ବିଧାନରେ ପ୍ରତିଷ୍ଠିତ ପ୍ରସ୍ତାବନା ଏବଂ ମୌଳିକ ଅଧିକାରକୁ ପରାସ୍ତ କରିବ । ଏହି ହସ୍ତାନ୍ତର ବ୍ୟବସ୍ଥା ଦୁର୍ନୀତି ଏବଂ ପରିବାରବାଦକୁ ପ୍ରୋତ୍ସାହିତ କରିବ ଏବଂ ଗୋପନୀୟତାରେ କରାଯାଇଥିବା ସରକାରୀ କାର୍ଯ୍ୟ ସାମ୍ବିଧାନିକ ଉଦ୍ଦେଶ୍ୟକୁ ନଷ୍ଟ କରିଦେବ । ସବଳ ସବୁବେଳେ ଦୁର୍ବଳ ଉପରେ ଅତ୍ୟାଚାର କରିଚାଲିବ, ଯାହାଦ୍ୱାରା ଦୁର୍ବଳ ସେହି ଅଞ୍ଚଳରୁ ଦୂରେଇ ଯାଇପାରିବ । କାର୍ଯ୍ୟାନୁଷ୍ଠାନର ଆଇନଗତ ରୂପକୁ ଯଦି ପ୍ରାଧାନ୍ୟ ଦିଆଯାଏ, ସାମ୍ବିଧାନିକ ଉଦ୍ଦେଶ୍ୟ ସହଜରେ ବିଫଳ ହେବ, ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ଅଳ୍ପ କିଛି ନ୍ୟସ୍ତ ସ୍ୱାର୍ଥଙ୍କ ଦ୍ୱାରା ବଜାରରେ ଏକଚାଟିଆ ସୃଷ୍ଟି ହେବ । ଏହି ଦୃଷ୍ଟିକୋଣରୁ ଏହି ସମସ୍ୟାକୁ ଆଲୋଚନା କରିବାକୁ ହେବ ଏବଂ ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ ହେବ ଯେ, ଏପରି କାରବାର ଦୀର୍ଘସ୍ଥାୟୀ ଏବଂ ଜନକଲ୍ୟାଣ ପାଇଁ ସହାୟକ ହେବ କି?

ଏହି ମାମଲାରେ, ଯେପରି ଶ୍ରୀ କେ. ଆର୍. ଚୌଧୁରୀ ଯଥାର୍ଥରେ ଯୁକ୍ତି ବାଢ଼ିଛନ୍ତି ଯେ, ଆଇନର ଅନୁପାଳନର ଏକ ବାହ୍ୟରୂପ ଅଛି, କିନ୍ତୁ, ଯେପରି ପୂର୍ବରୁ କୁହାଯାଇଛି, ଆଇନର ଅନୁପାଳନ କେବଳ ଏକ ଛଳନା ଏବଂ ଏକ ଘରୋଇ କମ୍ପାନୀ ଦ୍ୱାରା ଏକ ପ୍ରୟାସ ଯାହାର ମାଠଣି କେନ୍ଦ୍ର ଚିତ୍ତୋର ଜିଲ୍ଲାରେ ଅବସ୍ଥିତ ଏବଂ ମାଡ୍ରାସର ମୁଖ୍ୟ କାର୍ଯ୍ୟାଳୟ ଅନ୍ୟାୟପୂର୍ଣ୍ଣ ସମୃଦ୍ଧି ସୁରକ୍ଷିତ କରିବା ପାଇଁ ଅଟେ । ପି. ରାମା ରାଓ ଏବଂ ମାଗମ ଇଙ୍କର ଅନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ହୋଇଥିବା ଭାଗିଦାରୀର ସମ୍ବିଧାନ ଏବଂ ସତ୍ୟତା ବିଷୟରେ ଆମେ ନିଜସ୍ୱ ସନ୍ଦେହ ବାହାର କରିଛୁ । ତଥାପି, ଏହି ମାମଲାରେ, ଆମ ପାଇଁ ସେହି ପ୍ରସଙ୍ଗରେ ଯିବାର ଆବଶ୍ୟକତା ନାହିଁ । ଏହା କହିବା ଯଥେଷ୍ଟ ଯେ, ସମଗ୍ର କାରବାରଟି ସିଧାସଳଖ ଦୁରାଭିସନ୍ଧି ଅଟେ ଏବଂ ସାମ୍ବିଧାନିକ ଉଦ୍ଦେଶ୍ୟକୁ ବିଫଳ କରିବ । ସରକାର ସେମାନଙ୍କର ନିୟମାବଳୀ ଏବଂ ଚୁକ୍ତିଭିତ୍ତିକ ଖଣ୍ଡଗୁଡ଼ିକର ସାମ୍ବିଧାନିକ ଦର୍ଶନ ସହିତ ସୁସଂଗତ କରି ପୁନର୍ଗଠନ କରିବା ଉଚିତ । ତେଣୁ ସରକାର ଭଲ କରିଛନ୍ତି, ଯଦିଓ ଭିନ୍ନ କାରଣରୁ, ପି. ରାମା ରାଓଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପଟ୍ଟା ଏବଂ ମାଗମ ଇଙ୍କ ସପକ୍ଷରେ ସିକିମୀ ପଟ୍ଟା ଦାୟିତ୍ୱ ପ୍ରଦାନକୁ ନିଜ ସ୍ୱତଃପ୍ରବୃତ୍ତ କ୍ଷମତା ପ୍ରୟୋଗ କରି ରଦ୍ଦ କରିଛନ୍ତି ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରାଯାଇଛି ଏବଂ ସରକାରଙ୍କ ଆଦେଶ ନିଶ୍ଚିତ ହୋଇଛି, କିନ୍ତୁ ଏହି ପରିସ୍ଥିତିରେ, ଖର୍ଚ୍ଚ ବିନା ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

ଶ୍ରୀ ଦୀପକ କୁମାର ସାହୁ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ